# ତହସିଲ କାର୍ଯ୍ୟାଳୟ ରେଙ୍ଗାଲି, ଜିଲ୍ଲା - ସମ୍ବଲପୁର

COURT OF THE TAHASILDAR * RENGALI *

**De-reservation Case No. 05/2023**

## ସର୍ବସାଧାରଣ ନୋଟିସ

ନୋଟିସ ନଂ. 963 ତାରିଖ: 16/10/2023

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୌଜା **ଲପଙ୍ଗା** ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ **ଡେପୁଟି ଜେନେରାଲ ମ୍ୟାନେଜର, ଏଲ.ଏ.ଓ, ତଲାବିରା ୨ ଓ ୩ ଓସିପି, ଏନଏଲସି ଇଣ୍ଡିଆ ଲି:, ଅଫିସ୍ ବିଲଡିଂ ଏବଂ ଟାଉନସିପ୍** ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ଜମି ପ୍ଲଟ ନଂ. ୧୨୨୨ "ପତିତ" କିସମ ଥାଇ ଏହାର ମନ୍ତବ୍ୟ ଖାନାରେ "ଓଡ଼ିଶା ଜବାନଙ୍କ ନିମନ୍ତେ ସଂରକ୍ଷିତ" ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀ ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ତାହା ଅଣ ସଂରକ୍ଷିତ କରିବା ଓ ମନ୍ତବ୍ୟ ଖାନା ଖାରଜ କରିବା ସକାଶେ ପ୍ରସ୍ତାବ ଗ୍ରହଣ କରାଯାଇଅଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ, ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କର କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ.୨୦/- କୋର୍ଟ ଫି ସଂଲଗ୍ନ କରି ଅଭିଯୋଗ ଦରଖାସ୍ତ ଦାଖଲ କରିପାରିବେ । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

**ତଫସିଲ ଭୁକ୍ତ ଜମି**

| ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକର) | କିସମ | ମନ୍ତବ୍ୟ |
|---|---|---|---|---|---|
| ଲପଙ୍ଗା | ୩୭୨ (ଆବାଦ ଯୋଗ୍ୟ ଅନାବାଦୀ) | ୧୨୨୨ | ୨୮.୩୫ | ପତିତ | ଓଡ଼ିଶାର ଜବାନ ମାନଙ୍କ ନିମନ୍ତେ ସଂରକ୍ଷିତ |

(Signature) 16.10.23

ତହସିଲଦାର, ରେଙ୍ଗାଲି

TAHASILDAR, RENGALI

ଜ୍ଞାପକ ସଂଖ୍ୟା 964 ତା: 16/10/2023

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରି କରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ, ଲପଙ୍ଗା ଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ **ଲପଙ୍ଗା** ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ନିମନ୍ତେ ପ୍ରେରଣ କରାଗଲା ।

(Signature) 16.10.23

ତହସିଲଦାର, ରେଙ୍ଗାଲି

TAHASILDAR, RENGALI

ଜ୍ଞାପକ ସଂଖ୍ୟା 965 ତା: 16/10/2023

ଏହାର ଏକ କିତା ନକଲ **ଜିଲ୍ଲା ସୁଚନା** ଅଧିକାରୀ (DIO NIC, Sambalpur) ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

(Signature) 16.10.23

ତହସିଲଦାର, ରେଙ୍ଗାଲି

TAHASILDAR, RENGALI